## ସଂକ୍ଷେପରେ

### ୪୨୩ ଜଣଙ୍କୁ ରାଶନ କାର୍ଡ ବଣ୍ଟନ

**ବଆଁରପାଳ, ୧୩।୧୦(ଡି.ଏନ.ଏ.):** ବଆଁରପାଳ ବ୍ଲକରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଶନିବାର ୪୨୩ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀ କାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକର ବୁଢାପଙ୍କ, ନୂଆହତା ଓ ବଆଁରପାଳ ପଞ୍ଚାୟତର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷା ଅଞ୍ଜଳି ଭୋଇ, ବ୍ଲକ ବିଜେଡି ସଭାପତି ବିଜୟ ନାଥ ପ୍ରମୁଖ ଯୋଗ ଦେଇଥିଲେ।

### ଛତୁ ତୋଳିବାକୁ ଯାଇ ଜଣେ ନିଖୋଜ

**ବନ୍ତଲା, ୧୩।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଲା ଥାନା ନୂଆଖେତା ଗ୍ରାମର ରମେଶ ସାହୁ(୫୦) ଶନିବାର ସକାଳ ୮ ଟାରେ ରାଇଗୁଡା ଜଙ୍ଗଲ ନିକଟ ନୂଆସାହି ପଦାକୁ ଛତୁ ତୋଳିବା ପାଇଁ ଯାଇ ନିଖୋଜ ହୋଇଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଅପରାହ୍ନ ସୁଦ୍ଧା ରମେଶ ଘରକୁ ନ ଫେରିବାରୁ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ତାଙ୍କ ପତ୍ତା ମିଳିପାରିନାହିଁ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ନାଲ୍କୋ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

**ବଆଁରପାଳ, ୧୩।୧୦(ଡି.ଏନ.ଏ.):** ନାଲ୍କୋ ନଗର ଦୁର୍ଗାପୂଜା କମିଟିର ଶନିବାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏ ନେଇ କମିଟି ମୁଖ୍ୟ ଉପଦେଷ୍ଟା ଏସ୍ଏନ୍ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ମଣି ରଞ୍ଜନ ପଟ୍ଟନାୟକ, ସମ୍ପାଦକ ଭାବେ ବିଶ୍ୱ ରଞ୍ଜନ ପଟ୍ଟନାୟକ, କୋଷାଧକ୍ଷ ଭାବେ ବଳରାମ ପ୍ରଧାନଙ୍କୁ ଚୟନ କରାଯାଇଛି। ଆସନ୍ତା ୧୫ ତାରିଖରୁ ପୂଜା ଆରମ୍ଭ ହେବ। ୧୭ ତାରିଖରେ ମା'ଙ୍କ ଆଜ୍ଞା ଲଡୁ ନିଲାମ ଏବଂ ୧୯ ରେ ରାବଣ ପୋଡି କାର୍ଯ୍ୟକ୍ରମ ହେବ ବୋଲି ବୈଠକରୁ ଜଣାପଡିଛି। ଏହି ବୈଠକରେ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ଅନୁଗୋଳ ଅଫିସ,୧୩।୧୦:** ଅନୁଗୋଳ ସ୍ଥିତ କାର୍ଯ୍ୟାଳୟରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ.ଧରଣୀଧର ନାଥ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ପୁରାତନ କର୍ମକର୍ତ୍ତା ସଭାପତି ନାଥଙ୍କ ସହ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଯୁଗ୍ମସମ୍ପାଦକ ତ୍ରେତାନନ୍ଦ ସାମନ୍ତ, ଉପସମ୍ପାଦକ ସନ୍ତୋଷ କୁମାର ସାହୁ ଓ କୋଷାଧକ୍ଷ ମନମୋହନ ମିଶ୍ରଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଯିବା ସହ ନୂତନ କର୍ମକର୍ତ୍ତା ମନୋନୟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ କର୍ମକର୍ତ୍ତା ଚୟନ ଓ ଶପଥ ପାଠ ପର୍ଯ୍ୟନ୍ତ କାର୍ଯ୍ୟକାରୀ ସଭାପତି ଭାବେ ସୁବାସ ଚନ୍ଦ୍ର ସାହୁ ଓ କୃଷ୍ଣଚନ୍ଦ୍ର ନନ୍ଦ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ସ୍ଥିର କରାଯାଇଥିଲା।

### ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ଘଟଣା, ପୋଲିସ ତନାଘନା



**ବଆଁରପାଳ,୧୩।୧୦(ଡି.ଏନ.ଏ.)-** ବଆଁରପାଳ ସନ୍ତ୍ରୀ ଛକଠାରେ ଥିବା ଏକ ଏଟିଏମ୍ କାଉଣ୍ଟରରୁ ଗୁରୁବାର ରାତିରେ ଲୁଟ୍ ଉଦ୍ୟମ ହୋଇଥିଲା। ଦୁର୍ବୃତ୍ତମାନେ ଏଟିଏମ୍ କାଉଣ୍ଟରରେ ପଶି ଭଙ୍ଗାରୁଜା କରିବା ସହ ଲୁଟ୍ ଉଦ୍ୟମ କରିଥିଲେ। ଏ ନେଇ ଏଟିଏମ୍‌ର ଟେକ୍‌ନିସିଆନ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ■ପ୍ରଥମ ଗର୍ଭରେ ୪ ଭ୍ରୂଣ

# ପ୍ରଶାସନର ସହାୟତା ଲୋଡ଼ିଲେ ଗରିବ ଲିପା

**ଅନୁଗୋଳ ଅଫିସ/ ଛେଣ୍ଡିପଦା,୧୩।୧୦**

ପ୍ରଥମ ଗର୍ଭରେ ଏକାବେଳେ ୪ଟି ଭ୍ରୂଣକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ନୂଆଗାଁ ଅଞ୍ଚଳର ଲିପନ୍ ଦେହୁରୀଙ୍କ ସ୍ତ୍ରୀ ଲିପା ଦେହୁରୀ। ଏକ ଘରୋଇ ଡାକ୍ତରଖାନାରେ ଚେକ୍ଅପ୍ ବେଳେ ଅଲଟ୍ରାସାଉଣ୍ଡ ରିପୋର୍ଟରୁ ଏତେଗୁଡିଏ ଭ୍ରୂଣ ବିଷୟରେ ସେ ଜାଣିବାକୁ ପାଇଛନ୍ତି। ଏଥିଯୋଗୁ ଜୀବନ ପ୍ରତି ବିପଦ ଥିବାରୁ ଡାକ୍ତର ତାଙ୍କୁ ରେଡ୍‌କାର୍ଡ ମଧ୍ୟ ପ୍ରଦାନ କରିଛନ୍ତି। ଏହାକୁ ନେଇ ସମ୍ପୃକ୍ତ ଦମ୍ପତି ଉପାୟ ଶୂନ୍ୟ ହୋଇପଡ଼ିଛନ୍ତି। ଏପରି ଅବସ୍ଥାରେ ସେ କେମିତି ନିଜ ସହ ସନ୍ତାନମାନଙ୍କ ଜୀବନ ରକ୍ଷା କରିପାରିବେ ସେ ନେଇ ପ୍ରଶାସନର ସହାୟତା ଲୋଡ଼ିଛନ୍ତି।



ଲିପାଙ୍କ ଅଲଟ୍ରାସାଉଣ୍ଡ ରିପୋର୍ଟ।




ମିଳିଥିବା ରେଡ କାର୍ଡ।

ଲିପା କହିଛନ୍ତି, ୩ ବର୍ଷ ତଳେ ତାଙ୍କର ବିବାହ ହୋଇଥିଲା। ଗର୍ଭଧାରଣ ପରେ ସେ ଖୁସି ହୋଇଯାଇଥିଲେ। ଚେକ୍ଅପ୍ ପାଇଁ ସେ ଅନୁଗୋଳର ଏକ ଘରୋଇ ମେଡିକାଲକୁ ଯାଇଥିଲେ। ସେଠାରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ଅଲଟ୍ରାସାଉଣ୍ଡ କରାଇଥିଲେ। ରିପୋର୍ଟରୁ ତାଙ୍କ ଗର୍ଭରେ ୪ଟି ସନ୍ତାନ ଥିବା ଦେଖି ଡାକ୍ତର ପୁଣିଥରେ ପରୀକ୍ଷା କରାଇବାକୁ ଅନ୍ୟ ଏକ ଘରୋଇ ମେଡିକାଲକୁ ପଠାଇଥିଲେ। ସେଠାକାର ରିପୋର୍ଟ ମଧ୍ୟ ସମାନ ଆସିଥିଲା। ଏହା ପରେ ସମ୍ପୃକ୍ତ ଡାକ୍ତରଙ୍କ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ରେଡ୍‌କାର୍ଡ ଦେବା ସହ ଜିଲା ବାହାରର ଏକ ମେଡିକାଲରେ ୨ଟି ପିଲା ନଷ୍ଟ କରିଦେବାକୁ ପରାମର୍ଶ ଦେଇଥିଲେ। ଏପରି କଲେ ଭବିଷ୍ୟତରେ ସେ ମା' ହେବାରେ ଅସୁବିଧା ହୋଇପାରେ ବୋଲି ଜିଲା ବାହାରର ଉକ୍ତ ହସ୍‌ପିଟାଲ ପକ୍ଷରୁ କୁହାଯିବା ପରେ ଲିପା ସେଠାରୁ ଫେରି ଆସିଥିବା କହିଛନ୍ତି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ଚିକିତ୍ସା ସୁବିଧା ଓ ସରକାରୀ ଯୋଜନା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିବାରୁ ସେ ଏ ନେଇ ଜିଲା ପ୍ରଶାସନର ସହାୟତା ଲୋଡ଼ିଛନ୍ତି। କିପରି ଭାବେ ତାଙ୍କ ଜୀବନ ସହ ଗର୍ଭସ୍ଥ ସନ୍ତାନମାନଙ୍କ ଜୀବନ ରକ୍ଷା ହୋଇପାରିବ ଓ ସୁରକ୍ଷିତ ପ୍ରସବ କରିପାରିବେ ସେଥିପାଇଁ ସାହାଯ୍ୟ କରିବାକୁ ଲିପା ଅନୁରୋଧ କରିଛନ୍ତି। ଲିପାଙ୍କ ଚିକିତ୍ସା କରିଥିବା ସମ୍ପୃକ୍ତ ଡାକ୍ତର କହିଛନ୍ତି, ମହିଳାଙ୍କ ଗର୍ଭରେ ଚାରିଟି ଭ୍ରୂଣ ରହିଛି। ଗତମାସରେ ଚେକ୍ଅପ୍ ବେଳେ

■ବିପଦ ଥିବାରୁ ଡାକ୍ତର ଦେଇଛନ୍ତି ରେଡ୍‌କାର୍ଡ

■ସରକାରୀ ଯୋଜନା ସମ୍ପର୍କରେ ଜାଣିନାହାନ୍ତି

■ମେଡିକାଲ ଆସିଲେ ସାହାଯ୍ୟ କରାଯିବ- ଭାରପ୍ରାପ୍ତ ସିଡିଏମ୍ଓ

ଏହା ଜଣାପଡ଼ିବାରୁ ସମ୍ପୃକ୍ତା ମହିଳାଙ୍କୁ ଜିଲା ବାହାରର ଏକ ମେଡିକାଲକୁ ଚେକ୍ଅପ୍ ପାଇଁ ପଠାଇଥିଲି। ସେଠାକାର ରିପୋର୍ଟ ଆଣି ଦେଖାଇବାକୁ କହିଥିଲି। କିନ୍ତୁ ମହିଳା କିମ୍ବା ତାଙ୍କ ସ୍ୱାମୀ ଆଉ ରିପୋର୍ଟ ନେଇ ଆସିନାହାନ୍ତି।

ଅପରପକ୍ଷରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବା ଏଡିଏମ୍ଓ ତ୍ରିଲୋଚନ ପ୍ରଧାନ କହିଛନ୍ତି, ସମ୍ପୃକ୍ତା ମହିଳା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଲେ ତାଙ୍କୁ ସମସ୍ତ ପ୍ରକାର ସହାୟତା କରାଯିବ। ଗର୍ଭରେ ୪ଟି ଭ୍ରୂଣ ରହିବା କିଛି ଆଶ୍ଚର୍ଯ୍ୟ କି ଚିନ୍ତାର ବିଷୟ ନୁହେଁ। ପୂର୍ବରୁ ମଧ୍ୟ ଏପରି ବହୁ ଘଟଣାରେ ସଫଳ ପ୍ରସବ ହୋଇପାରିଛି। ମହିଳାଜଣକ ଚିକିତ୍ସା ସହାୟତା ଲୋଡ଼ିଲେ ତାଙ୍କୁ ଆଡମିଶନ କରାଯାଇ ଚିକିତ୍ସା କରାଯିବ।

## ସାପ୍ତାହିକ କାର୍ଯ୍ୟକ୍ରମ

୧୪।୧୦।୨୦୧୮

**ଅନୁଗୋଳ**

● ଶିଶୁମନ୍ଦିରରେ ଜିଲାସ୍ତରୀୟ ସ୍କୁଲ ଚେସ୍ ଉଦ୍‌ଯାପନ
ସ୍ଥାନ- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ସମୟ- ପୂର୍ବାହ୍ନ ୧୦ ଟା
ସେଣ୍ଟ୍ରାଲ ପୂଜା କମିଟିର ବୈଠକ
ସ୍ଥାନ- ଅନୁଗୋଳ ଜିଲା କଳାକେନ୍ଦ୍ର
ସମୟ- ମଧ୍ୟାହ୍ନ ୧୨ ଟା
ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ପ୍ରଦର୍ଶନୀ
ସ୍ଥାନ- ଅନୁଗୋଳ ଜିଲା ସଭାଘର
ସମୟ- ପୂର୍ବାହ୍ନ ୧୦ ଘଟିକା

୧୫।୧୦।୨୦୧୮

**ଅନୁଗୋଳ**

● ସ୍ଥାନ- ଅନୁଗୋଳର ୧୦ ମଣ୍ଡପ
ସମୟ- ସନ୍ଧ୍ୟା ୬ ଟା
ବଆଁରପାଳ
ମହାଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ
ସ୍ଥାନ- ନାଲ୍‌କୋ
ସମୟ- ସନ୍ଧ୍ୟା ୬ଟା

**ଢେଙ୍କାନାଳ**

● ଜନ ଅଭିଯୋଗ ଶିବିର
ସ୍ଥାନ-ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ
ସମୟ-ପୂର୍ବାହ୍ନ ୧୦ଟା
ଆପ୍ ପକ୍ଷରୁ ଜନ ସମାବେଶ
ସ୍ଥାନ-ଢେଙ୍କାନାଳ ମିନି ଷ୍ଟାଡିୟମ
ସମୟ-ପୂର୍ବାହ୍ନ ୧୦ଟା

୧୬।୧୦।୨୦୧୮

**ପରଜଙ୍ଗ**

● ଦୁର୍ଗାପୂଜା ଉପଲକ୍ଷେ ବାଦିପାଲା
ସ୍ଥାନ-ମାଣିକମରା
ସମୟ - ୧୬ରୁ ୧୮ତାରିଖ

**ବଆଁରପାଳ**

● ମା'ଙ୍କ ଷଷ୍ଠୀ ପୂଜା ପାଇଁ ଅଧିବାସ ଓ କଳାସ ଯାତ୍ରା
ସ୍ଥାନ-ନାଲ୍‌କୋ
ସମୟ-ସନ୍ଧ୍ୟା ୭ଟା
ଦୁର୍ଗାପୂଜା ଉପଲକ୍ଷେ ଅପେରା କାର୍ଯ୍ୟକ୍ରମ
ସ୍ଥାନ- ନାଲ୍‌କୋ ମିନାବଜାର ପଡିଆ
ସମୟ-ସନ୍ଧ୍ୟା ୭ଟା
ମା'ଙ୍କ ଅଷ୍ଟମୀ ପୂଜା
ସ୍ଥାନ-ତଳମୂଳ ଦୁର୍ଗାମନ୍ଦିର
ସମୟ-ମଧ୍ୟାହ୍ନ ୧୨ଟା

୧୭।୧୦।୨୦୧୮

**ବଆଁରପାଳ**

ଆଜ୍ଞାଲଡୁ ନିଲାମ କାର୍ଯ୍ୟକ୍ରମ
ସ୍ଥାନ- ନାଲ୍‌କୋ, ବଆଁରପାଳ
ସମୟ-ଅପରାହ୍ନ ୧ଟା
କନକ ଦୁର୍ଗା ଓ ମା' ଦୁର୍ଗାଙ୍କ ମିଳନ
ସ୍ଥାନ-ତଳମୂଳ
ସମୟ- ରାତି ୧୦ଟା

୧୮।୧୦।୧୮

**ବଆଁରପାଳ**

● ଅପେରା କାର୍ଯ୍ୟକ୍ରମ
ସ୍ଥାନ-ନାଲ୍‌କୋ
ସମୟ- ସନ୍ଧ୍ୟା ୭ଟା

୧୯।୧୦।୨୦୧୮

**ଅନୁଗୋଳ**

● ମା' ଦୁର୍ଗାଙ୍କ ଷୋଡ଼ଷ ଉପଚାର
ସ୍ଥାନ- ଅନୁଗୋଳର ବିଭିନ୍ନ ଶକ୍ତିପୀଠ
ସମୟ- ପ୍ରାତଃ ୬ ଟା
ମା' ଦୁର୍ଗାଙ୍କ ଦଶମୀ ପୂଜା
ସ୍ଥାନ- ଅନୁଗୋଳର ୧୦ଟି ମଣ୍ଡପ
ସମୟ- ପୂର୍ବାହ୍ନ ୧୦ ଟା

**ବଆଁରପାଳ**

● ରାବଣପୋଡି କାର୍ଯ୍ୟକ୍ରମ
ସ୍ଥାନ- ନାଲ୍‌କୋ ଓ ବଳରାମ ପ୍ରସାଦ
ସମୟ-ସନ୍ଧ୍ୟା ୮ ଟା

୨୦।୧୦।୨୦୧୮

**ଅନୁଗୋଳ**

● ବିଭିନ୍ନ ପୂଜା କମିଟିର ଭସାଣି ଯାତ୍ରା
ସ୍ଥାନ- ଅନୁଗୋଳ ସହର
ସମୟ- ମଧ୍ୟାହ୍ନ ୧୨ ଟା

## ତିତ୍‌ଲି ପ୍ରଭାବ: ଧାନ, ପରିବା ଚାଷ ନଷ୍ଟ

**ଛେଣ୍ଡିପଦା,୧୩।୧୦(ସ୍ୱ.ପ୍ର)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ରୋଗପୋକ ପରେ ଏବେ ଲଘୁଚାପ ବର୍ଷା ତିତ୍‌ଲି ଚାଷୀଙ୍କ ଉପରେ ଦାଉ ସାଜିଛି। ତିତ୍‌ଲି ଯୋଗୁ ଛେଣ୍ଡିପଦାରେ ଚଳିତ ବର୍ଷ ସର୍ବାଧିକ ୮୪.୪ ମିଲିମିଟର ବର୍ଷା ହୋଇଛି। ଏଥିଯୋଗୁ ବିଲରେ ଧାନ ଫସଲ ନଷ୍ଟ ହୋଇଛି। ଛେଣ୍ଡିପଦା ବ୍ଲକ ୩୪ ପଞ୍ଚାୟତରେ ଗତ ୨ ଦିନ ହେବ ଲଗାଣ ବର୍ଷା ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଗତ ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁ ଧାନ ଚାଷ କ୍ଷତିଗ୍ରସ୍ତ ହେବା ସହ ପରିବା ଚାଷ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଧାନ କ୍ଷେତରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରିବାରୁ ଧାନ ଗଛ ପଚି ନଷ୍ଟ ହୋଇଯିବାର ଆଶଙ୍କା ଦେଖାଦେଇଛି।

ସେହିପରି ପରିବା ଚାଷ କରାଯାଇଥିବା ଜମିରେ ବର୍ଷା ଜଳ ମାଡ଼ିଯିବାରୁ ଜହ୍ନି, ଭେଣ୍ଡି, କାକୁଡ଼ି, କଲରା, ବାଇଗଣ, ଝୁଲଣ, କୋବି, ଉଲି ଚାଷ ଆଦି ବିଶେଷ ପ୍ରଭାବିତ ହୋଇଛି। ବର୍ଷା ଜଳ ରାସ୍ତାରେ ମାଡ଼ି ଯିବାରୁ କିଛି ସ୍ଥାନରେ ଯାତାୟାତ ଠପ ହୋଇଯାଇଛି। ଜୁଲାଇରେ ଲଗାଣ ବର୍ଷା ଯୋଗୁ ଧାନ ତଳି ନଷ୍ଟ ହୋଇଯାଇଥିଲା। ବହୁ କଷ୍ଟରେ ଚାଷୀ ଚଢା ଦରରେ ବିହନ ଆଣି ଜମିରେ ବୁଣି ତଳି ପକାଇ ବିଲରେ ରୋଇଥିଲେ। ବର୍ତ୍ତମାନ ତିତ୍‌ଲି ପ୍ରଭାବରେ ସେସବୁ ନଷ୍ଟ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ପରିବା ଚାଷ ଜମିରୁ ପାଣି ନିଷ୍କାସନ ହୋଇ ନ ପାରିବାରୁ ପରିବା ଚାଷ ନଷ୍ଟ ହୋଇଯାଇଥିବା ବାଲିପଟା, କୁକୁରପେଟା, ତେଣ୍ଟଲୋଇ, ଉଗୀ, ପରା, କତଡା, ପିତାଚରୀ, ଶିମିଳିପାଳ, ନୂଆଗାଁ, କଣଲୋଇ, ବ୍ରାହ୍ମଣବିଲ, ବାହାଳସାହି ଆଦି ପଞ୍ଚାୟତର ଚାଷୀମାନେ ପ୍ରକାଶ କରିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ବଦଳିଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ

**ଅନୁଗୋଳ ଅଫିସ,୧୩।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବ ପ୍ରସାଦ ପାଢ଼ୀଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ଏ ନେଇ ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠି (ନଂ. ୨୬୮୯୨) ମୁଖ୍ୟ ଚିକିତ୍ସାଳୟକୁ ଆସିଛି। ତାଙ୍କୁ ତୁରନ୍ତ ରାୟଗଡ଼ା ଜିଲାପାଳଙ୍କ ନିକଟରେ ରିପୋର୍ଟ କରିବା ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କ ଦାୟିତ୍ୱ ଏଡିଏମ୍ଓ ତ୍ରିଲୋଚନ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଡାକ୍ତର ପାଢ଼ୀ ସେପ୍ଟେମ୍ବର ୧୨ ତାରିଖରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୋଗ ଦେଇଥିଲେ। ତିତ୍‌ଲି ଯୋଗୁ ପ୍ରଭାବିତ ରାୟଗଡ଼ାକୁ ତାଙ୍କୁ ରାଜ୍ୟ ସରକାର ପଠାଇଥାଇ ପାରନ୍ତି ବୋଲି ଡାକ୍ତର ପାଢ଼ୀ କହିଛନ୍ତି।

## ■ବନ୍ତଲା ବନ୍ୟା ପରିସ୍ଥିତିରେ ସୁଧାର

# ସରକାରୀ ସହାୟତା ଅପେକ୍ଷାରେ ବିପନ୍ନ

**ବନ୍ତଲା, ୧୩।୧୦ (ଡି.ଏନ.ଏ.)**

ତିତ୍‌ଲି ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଅନୁଗୋଳ ବ୍ଲକର ୩୪ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ବନ୍ତଲା ଓ ଏହାର ଆଖପାଖ ୨୩ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଶନିବାର ଏଥିରେ ସୁଧାର ଆସିଥିଲେ ବି ପ୍ରଶାସନ ସମସ୍ତ ବିପନ୍ନଙ୍କ ନିକଟରେ ପହଞ୍ଚିପାରି ନାହିଁ। ଏସବୁ ପଞ୍ଚାୟତର ଶତାଧିକ ଲୋକଙ୍କ ଘର ଭାଙ୍ଗିଯାଇଥିବା ବେଳେ ମାତ୍ର କେତେଜଣ ହାତଗଣତି ଲୋକଙ୍କୁ ଜରିପାଲ ବଣ୍ଟନ କରାଯାଇଛି। କର୍ମଚାରୀ ଅଭାବରୁ ତହସିଲ ପ୍ରଶାସନ ଏଯାଏ କ୍ଷୟକ୍ଷତି ଅନୁଧ୍ୟାନ କରିପାରି ନ ଥିବା ଓ ସରକାରୀ ସହାୟତା ସମସ୍ତଙ୍କ ନିକଟରେ ପହଞ୍ଚାଇପାରି ନ ଥିବା କ୍ଷତିଗ୍ରସ୍ତମାନେ ଅଭିଯୋଗ କରିଛନ୍ତି।



ଗଦେଇମୁଣ୍ଡାରେ ଅତିରିକ୍ତ ତହସିଲଦାର ଓ ଟିମ୍ ଜରିପାଲ ବଣ୍ଟନ କରୁଛନ୍ତି।

କ୍ଷତିଗ୍ରସ୍ତଙ୍କ ନିକଟରେ ସହାୟତା ପହଞ୍ଚାଇବାକୁ ତହସିଲ ଓ ବ୍ଲକ ପ୍ରଶାସନ ପକ୍ଷରୁ ୪ଟିମ୍ ଗଠନ କରାଯାଇଛି। ଶନିବାର ବିଭିନ୍ନ ପଞ୍ଚାୟତରୁ ବନ୍ୟା ଜଳ ଛାଡ଼ିଯାଇଥିଲେ ବି ଶରଧାପୁର ପଞ୍ଚାୟତ ରାମିମୁଣ୍ଡା ଗ୍ରାମ ଜଳଘେରରେ ରହିଛି। ସେହିପରି ପୋକତୁଙ୍ଗା-ହରିପୁରକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପ୍ରଶାସନ ଗ୍ରାମବାସୀଙ୍କ ସହଯୋଗରେ ନନ୍ଦପୁର ପଞ୍ଚାୟତର ମଧୁପୁର ପାଣି ଛକ ଘାଇକୁ ମରାମତି କରିଥିବାରୁ ନନ୍ଦପୁର, ପୋକତୁଙ୍ଗା, ଶଙ୍ଖପୁର ଓ ବନ୍ତଲା ପଞ୍ଚାୟତ ଅଧିକ କ୍ଷୟକ୍ଷତିରୁ ବର୍ତ୍ତି ଯାଇଛି। ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ବାରଗୌଣିଆ, ତଳଗଡ଼, ଖିଣ୍ଡା, ବନ୍ତଲା, ଶଙ୍ଖପୁର, ବଡ଼କନ୍ତକୁଳ, ଗଡ଼ତରାସ ଆଦି ପଞ୍ଚାୟତରେ କ୍ଷତିଗ୍ରସ୍ତଙ୍କୁ ଜରିପାଲ ବଣ୍ଟନ କରଛନ୍ତି। ବାରଗୌଣିଆରେ ପରିସ୍ଥିତି ସ୍ୱାଭାବିକ ହୋଇଥିବାରୁ ରନ୍ଧାଖାଦ୍ୟ ବଣ୍ଟନ ବନ୍ଦ କରାଯାଇଛି। ସେହିପରି ଅତିରିକ୍ତ ତହସିଲଦାର ସାଗରିକା ସାହୁ, ବିମଳ ପ୍ରସାଦ ଲେଙ୍କାଙ୍କ ନେତୃତ୍ୱରେ ପୁରୁଣାକୋଟ ଆରଆଇ ପ୍ରତିଭା ପ୍ରିୟଦର୍ଶିନୀ, ଏଆରଆଇ ସୁରେନ୍ଦ୍ର କୁମାର ଦାସ, ଅମିନ ପତିତପାବନ ସେନାପତି, ମିଲୁ ସେଠୀ ପ୍ରମୁଖ ଶରଧାପୁର ସରପଞ୍ଚ ବ୍ରହ୍ମାନନ୍ଦ ସାହୁ ଓ ପୂର୍ବତନ ସମିତି ସଭ୍ୟ ଶରତ ନାୟକଙ୍କ ସହଯୋଗରେ ରାମିମୁଣ୍ଡା, ଗଦେଇମୁଣ୍ଡାର ୩୦ ପରିବାରକୁ ଜରିପାଲ ସହ ରିଲିଫ ସହାୟତା ପ୍ରଦାନ କରିଛନ୍ତି। ତେବେ ରାମିମୁଣ୍ଡା ଗାଁର ୫୦ ପରିବାର ପାଣି ଘେରରେ ରହିଛନ୍ତି। ଗାଁ ଦେଇ ଯାଇଥିବା ପୁକ୍ତିଖଣ୍ଡି ନାଳରେ ଶୁକ୍ରବାର ୩୦ ଫୁଟ ଉଚ୍ଚତାରେ ପାଣି ଯାଉଥିବା ବେଳେ ଶନିବାର ତାହା ୫ ଫୁଟକୁ ହ୍ରାସ ପାଇଛି। ପ୍ରଶାସନ ସେଠାରେ ପହଞ୍ଚି ପାରି ନ ଥିବା ବେଳେ ଗ୍ରାମବାସୀଙ୍କୁ ନାଳ ଆରପାରିକୁ ଡକାଇ ୧୫ ଜଣଙ୍କୁ ରିଲିଫ ସହାୟତା ବଣ୍ଟନ କରିଛନ୍ତି। ଗ୍ରାମର ଦୁର୍ଯ୍ୟୋଧନ ନାଏକ, ଲକ୍ଷ୍ମଣ ନାଏକ, ମାଧବ ନାଏକ, ଧ୍ରୁବ ନାଏକ, ଜ୍ଞାନେନ୍ଦ୍ର ନାଏକ, ଯୁଧିଷ୍ଠିର ନାଏକ, ଧଳା ନାଏକ, ନେଣ୍ଟୁ ନାଏକ, ପୁନି ନାଏକଙ୍କ ସମେତ ଆହୁରି ୨୮ ଗ୍ରାମବାସୀ ପ୍ରଶାସନ ଗାଁକୁ ଆସି ଠିକ୍ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ପୋକତୁଙ୍ଗା, ଜାମୁଣ୍ଡା, ଧୋକୁଟା, ବଡ଼କନ୍ତକୁଳ ଗ୍ରାମର ଅନେକ କ୍ଷତିଗ୍ରସ୍ତଙ୍କ ନିକଟରେ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପହଞ୍ଚି ନ ଥିବା ବେଳେ ପୋକତୁଙ୍ଗାର ମିଟୁ ମହାଲିକ, ପଦିଲ ମହାଲିକ, କୁମୁଦ ମହାଲିକଙ୍କ ସମେତ ହରିଜନ ସାହି, ଡମି ସାହି, ଘାସି ସାହି ଓ ଦେହୁରୀ ସାହିରେ ଘର ନଷ୍ଟ ହୋଇଥିବାବେଳେ ସେମାନେ ପଡ଼ୋଶୀ ଘରେ ଆଶ୍ରୟ ନେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ପ୍ରଶାସନିକ ଟିମ୍ ଶରଧାପୁର ମାଣିକ ଯୋଡ଼ି, ନନ୍ଦପୁର, ପୁରୁଣାକୋଟ, ଜଗନ୍ନାଥପୁର ଓ ଟିକରପଡ଼ା, ପୋକତୁଙ୍ଗା ପଞ୍ଚାୟତରେ ସହାୟତା ପ୍ରଦାନ କରିଛନ୍ତି। ଅପରପକ୍ଷରେ ଅନୁଗୋଳ ତହସିଲ ଅଧୀନରେ ଯେତିକି କର୍ମଚାରୀ ରହିବା କଥା ସେତିକି ନ ଥିବାରୁ ଏପରି ଜରୁରିକାଳୀନ ପରିସ୍ଥିତିରେ ରିଲିଫ ଓ କ୍ଷୟକ୍ଷତି ଅନୁଧ୍ୟାନରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଚମ୍ପତିମୁଣ୍ଡା ଓ ବନ୍ତଲା ରାଜସ୍ୱ ଅଧିକାରୀମାନେ ନିଜ କାର୍ଯ୍ୟାଳୟରେ ବସି ତଥ୍ୟ ସଂଗ୍ରହ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

■ରାମିମୁଣ୍ଡା ଗାଁ ଏବେ ବି ଜଳବନ୍ଦୀ

■କ୍ଷତିଗ୍ରସ୍ତ ପରିବାରକୁ ଜରିପାଲ ବଣ୍ଟନ

■ଠିକ୍ ତଦନ୍ତ, କ୍ଷତିପୂରଣ ପାଇଁ ଦାବି

■କର୍ମଚାରୀ ଅଭାବରୁ ବିଳମ୍ବ ଅଭିଯୋଗ

ଏ ବିଷୟରେ ବନ୍ତଲା ରାଜସ୍ୱ ଅଧିକାରୀ ସିନ୍ଧୁନନ୍ଦିନୀ ପ୍ରଧାନ ଓ ଚମ୍ପତିମୁଣ୍ଡା ରାଜସ୍ୱ ଅଧିକାରୀ ସୋନାଲିକା ସାହୁ କୁହନ୍ତି, କାର୍ଯ୍ୟାଳୟରେ ସହଯୋଗ କରିବା ପାଇଁ କର୍ମଚାରୀ ନାହାନ୍ତି। ଏତେଗୁଡ଼ିଏ ଗ୍ରାମକୁ ଯାଇ ତଦନ୍ତ କରିବା ସମ୍ଭବପର ନୁହେଁ। ପ୍ରଥମେ ଜରିପାଲ ଓ ରିଲିଫ ସହାୟତା ବଣ୍ଟନ କରାଯାଇଛି। ବିଭିନ୍ନ ଗାଁକୁ ଯାଇ ତଦନ୍ତ କରିଛୁ। ଶନିବାର ଚମ୍ପତିମୁଣ୍ଡା ଅଧୀନରେ ଥିବା ଗ୍ରାମର ୩୦ଜଣଙ୍କୁ ଓ ବନ୍ତଲା ଅଧୀନରେ ଥିବା ୨୦ ଜଣଙ୍କୁ ଜରି ପାଲ ବଣ୍ଟନ କରାଯାଇଛି। ତହସିଲଦାର ନାୟକ କହିଛନ୍ତି, କର୍ମଚାରୀ ଅଭାବ ସମ୍ପର୍କରେ ସରକାରଙ୍କୁ ଜଣାଇ ଦିଆଯାଇଛି। ତଦନ୍ତରେ କିଛି ବାଧା ସୃଷ୍ଟି ହେଲେ ବି ତହସିଲ ତରଫରୁ ଗଠିତ ୨ଟି ଟିମ୍ ଜରୁରିକାଳୀନ ପରିସ୍ଥିତିରେ ସହାୟତା ଓ ରିଲିଫ ବଣ୍ଟନ କରୁଛି। ଜିଲାପାଳ ଅନିଲ କୁମାର ସାମଲ କହିଛନ୍ତି, କର୍ମଚାରୀ ଅଭାବ ନେଇ କୌଣସି ସମସ୍ୟା ନାହିଁ। ତହସିଲଦାର ଠିକ୍ ଭାବେ ସହାୟତା ପ୍ରଦାନ କରୁଛନ୍ତି।



ରାମିମୁଣ୍ଡାବାସୀ ରିଲିଫ ନେଇ ନାଳରେ ପଶି ଯାଉଛନ୍ତି।

## ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ-୭୮୯୪୪୬୨୯୧୨, ବଆଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ମିନିଟ୍ରକ୍ ସହ କାଠ ଜବତ



କାମାକ୍ଷାନଗର,୧୩।୧୦(ଡି.ଏନ.ଏ)- ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ୍ କୋରିଆପାଳ କେନାଲ ହୁଡାରୁ ଶନିବାର ମଧ୍ୟାହ୍ନରେ ବନ କର୍ମଚାରୀମାନେ ଏକ ନମ୍ବର ବିହୀନ ମିନି ଟ୍ରକ୍ ସହ ୧୨ ଘନଫୁଟର ଶାଳକାଠ ଜବତ କରିଛନ୍ତି। ଟ୍ରକରେ କାଠ ନିଆଯାଉଥିବା ଖବରପାଇ ବନ କର୍ମଚାରୀମାନେ ଗାଡିକୁ ପିଛା କରୁଥିବା ବେଳେ ଡ୍ରାଇଭର ଗାଡିଟିକୁ ସେଠାରେ ଛାଡି ପଳାଇଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କା ହେବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି।

### ଛୁଆ ହାତୀର ମୃତଦେହ ଉଦ୍ଧାର



ପାଲଲହଡ଼ା, ୧୩।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ବନ୍ଧକାନି ଗ୍ରାମ ନିକଟ ହତିବିନ୍ଧା ଖସଡ଼ା ଜଙ୍ଗଲ ମଧ୍ୟରୁ ଶନିବାର ଏକ ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ଏହାର ବୟସ ଦେଢ ମାସ ହେବ ବୋଲି ଜଣାପଡ଼ିଛି। ହାତୀଟି କିଛିଦିନ ହେବ ଏହି ଜଙ୍ଗଲରେ ହାତୀ ପଲ ସହ ରହୁଥିଲା। ଜ୍ୱର ଏବଂ ଅତ୍ୟଧିକ ସଂକ୍ରମଣ ଯୋଗୁ ହାତୀଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବିଭାଗ ପକ୍ଷରୁ ବ୍ୟବଚ୍ଛେଦ ପରେ ହାତୀ ମୃତଦେହକୁ ଜଙ୍ଗଲରେ ପୋତି ଦିଆଯାଇଥିବା ଖମାର ରେଞ୍ଜର ରମାକାନ୍ତ ସେଠୀ ସୂଚନା ଦେଇଛନ୍ତି।

# ଛାତ୍ରଙ୍କୁ ଅଧ୍ୟକ୍ଷଙ୍କ ଯୌନ ନିର୍ଯାତନା ଅଭିଯୋଗ

- ପ୍ରତିବାଦ କରିବାରୁ ମାଡ଼ ମାରିଲେ ପ୍ରିନ୍ସିପାଲ
- କୋଠରିରେ ପୂରାଇ ବାହାରୁ ତାଲା ପକାଇଦେଲେ
- ଥାନାରେ ମାମଲା, ତଦନ୍ତ ଆରମ୍ଭ

ଢେଙ୍କାନାଳ ଅଫିସ, ୧୩।୧୦

ଢେଙ୍କାନାଳ ସହରର ଏକ ଆବାସିକ ବିଜ୍ଞାନ କଲେଜର ଜଣେ ଛାତ୍ରଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ଯୌନ ନିର୍ଯାତନା ଦେଇଥିବା ଶନିବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ସମ୍ପୃକ୍ତ ଛାତ୍ରଙ୍କୁ ଅଧ୍ୟକ୍ଷ ଜଣକ ନିସ୍ଥୁକ ମାଡ଼ ମାରିବା ସହ ରାତିସାରା ଏକ କୋଠରିରେ ରଖି ତାଲା ପକାଇଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ନଂ-୨୮୯।୧୮, ଦଫା-୩୭୭, ୫୧୧, ୩୪୧, ୩୪୨,୩୨୩, ୫୦୬ ଆଇପିସି ଓ ୮ ଏବଂ ୧୨ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସମ୍ପୃକ୍ତ ଛାତ୍ରଙ୍କ ବାପା ଥାନାରେ କରିଥିବା ଅଭିଯୋଗ ମୁତାବକ, ୨୦୧୭ରୁ ଛାତ୍ର ଜଣକ କଲେଜ ହଷ୍ଟେଲରେ ରହି ପାଠ ପଢୁଥିଲେ। କଲେଜ ଅଧ୍ୟକ୍ଷ ତୁଷାର ମହାନ୍ତି ସମ୍ପୃକ୍ତ ଛାତ୍ରଙ୍କୁ ପ୍ରାକ୍ଟିକାଲ ପରୀକ୍ଷାରେ ଭଲ ନମ୍ବର କରାଇଦେବାକୁ କହି ଗତ ୧୧ ତାରିଖ ରାତି ପ୍ରାୟ ୯ଟାରେ ତାଙ୍କ ରୁମ୍‌କୁ ଡାକିବା ସହ ଯୌନ ନିର୍ଯାତନା ଦେଇଥିଲେ। ଛାତ୍ର ଜଣକ ପ୍ରତିବାଦ କରିବରୁ ଅଧ୍ୟକ୍ଷ ତାଙ୍କୁ ଏକ ବାଡିରେ ପିଟିବା ସହ ରାତିସାରା ଏକ ପ୍ରକୋଷ୍ଠରେ ରଖି ବାହାରୁ ତାଲା ପକାଇ ଦେଇଥିଲେ। ସକାଳେ ତାଲା ଖୋଲିବା ପରେ ଛାତ୍ର ଜଣକ ବାହାରକୁ ଆସି ଫୋନ୍ ଯୋଗେ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ଖବରପାଇ ତାଙ୍କ ବାପା ଢେଙ୍କାନାଳ ଆସି ପୁଅକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇବା ପରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରିଥିଲେ ହେଁ ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଶନିବାର ଦଶହରା ପାଇଁ କଲେଜ ଛୁଟି ଥିବାରୁ କଲେଜ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ଶେଖ ଅବଦୁଲ କରିମ କୁହନ୍ତି, ଅଭିଯୋଗକୁ ଭିତ୍ତିକରି ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି। କଲେଜ ଶନିବାର ଛୁଟି ହୋଇଯିବାରୁ କାହାରିକୁ ପଚରାଉଚରା କରିହେଲା ନାହିଁ। ଏ ସମ୍ପର୍କରେ ତଦନ୍ତ କରାଯିବ। ଛାତ୍ର ଜଣକ ମଧ୍ୟ ତାଙ୍କ ଗ୍ରାମକୁ ଯାଇଥିବାରୁ ତାଙ୍କୁ ଡାକି ପଚରାଉଚରା କରାଯିବା ସହିତ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

# ଡାକ ଫୋରମର ତ୍ରୈମାସିକ ବୈଠକ

ଢେଙ୍କାନାଳ ଅଫିସ,୧୩।୧୦

ଢେଙ୍କାନାଳ ଡାକ ଫୋରମ୍‌ର ତ୍ରୈମାସିକ ବୈଠକ ସ୍ଥାନୀୟ ମୁଖ୍ୟ ଡାକଘର ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଡାକଘରର ପୋଷ୍ଟ ମାଷ୍ଟର ବିନୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଫୋରମ୍ ସଦସ୍ୟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ନୀଳମାଧବ ଶତପଥୀ, ଯୁଗଳ କିଶୋର ଦାଶ, ମାନସ ରଥ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଡାକଘରେ ଦିନକୁ ଦିନ ଗ୍ରାହକ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଠାରେ ମହିଳା, ସିନିୟର ସିଟିଜେନ ଏବଂ ଦିବ୍ୟାଙ୍ଗଙ୍କ ନିମନ୍ତେ ସ୍ୱତନ୍ତ୍ର କାଉଣ୍ଟର ବ୍ୟବସ୍ଥା କରିବା, ବ୍ୟାଙ୍କ ଭଳି ଡାକଘର ପକ୍ଷରୁ ନିଜସ୍ୱ ସୁରକ୍ଷା କର୍ମୀ ନିୟୋଜିତ କରିବା, ଗ୍ରାହକମାନଙ୍କ ନିମନ୍ତେ ପାନୀୟଜଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଡାକ ବିଭାଗ ଜନସମ୍ପର୍କ ନୀରିକ୍ଷକ ଚନ୍ଦ୍ରମଣି ମଲ୍ଲିକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।



ଡାକ ଫୋରମ ବୈଠକରେ ଉପସ୍ଥିତ କର୍ମଚାରୀମାନେ।

# ବିପତ୍ତି ଅବକ୍ଷୟ ସମ୍ପର୍କରେ ସଚେତନତା




ଏନ୍‌ସିସି କ୍ୟାଡେଟ୍‌ମାନେ ସ୍ଲୋଗାନ ଦେଇ ସହର ପରିକ୍ରମା କରୁଛନ୍ତି।

କାମାକ୍ଷାନଗର,୧୩।୧୦(ଡି.ଏନ.ଏ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ସିସି ଶାଖା ପକ୍ଷରୁ ଆନ୍ତର୍ଜାତିକ ଜାତିସଂଘ ଦିବସ ପାଳନ ଅବସରରେ ଶନିବାର ଜାତୀୟ ବିପତ୍ତି ଅବକ୍ଷୟ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାମାକ୍ଷାନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦକାନ୍ତ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ପାର୍କଠାରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ କାମାକ୍ଷାନଗର ମହାବିଦ୍ୟାଳୟ, ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ମନ୍ଦିରର ଏନ୍‌ସିସି କ୍ୟାଡେଟ୍‌ମାନେ ଅଂଶଗ୍ରହଣ କରିଥିଲେ। କ୍ୟାଡେଟ୍‌ମାନେ ବ୍ୟାନର, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ସହ ଲୋକମାନଙ୍କୁ ସଚେତନ କରିଥିଲେ। ମେଜର ଦିଲୀପ କୁମାର ସାହୁ, ଏନ୍‌ସିସି ଅଧିକାରୀ ଧ୍ରୁବଚରଣ ସୁନ୍ଦରାୟ, ଦୁର୍ଯ୍ୟୋଧନ ସାହୁ, ଅଭିଷେକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଢେଙ୍କାନାଳ ଅଫିସ,୧୩।୧୦

ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଏକ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରରେ ସ୍ଥାପନ କରିବା ପାଇଁ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଅକ୍ଟୋବର ୧୧ରେ ଇଂରେଜମାନଙ୍କୁ ନଦୀ ପାର କରିବା ପାଇଁ ନିର୍ଦ୍ଦେଶକୁ ଭ୍ରୁକ୍ଷେପ କରି ବାଜି ରାଉତ ଶହୀଦ ହୋଇଥିଲେ। ତେଣୁ ଶହୀଦ ବାଜି ରାଉତଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ତାଙ୍କ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ଭୁବନେଶ୍ୱରର ଏକ ପ୍ରମୁଖ ସ୍ଥାନରେ ସ୍ଥାପନ ପାଇଁ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଦୀପକ କୁମାର ଗୋଚ୍ଛାୟତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିବା ଦଳର ଜିଲା ମିଡିଆସେଲ୍ ପ୍ରଭାରୀ ନବକିଶୋର ଗୁରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

- ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା

## ଷ୍ଟାର ଇଲେଭେନ କ୍ଲବ ବିଜୟୀ

ଢେଙ୍କାନାଳ ଅଫିସ,୧୩।୧୦

ଢେଙ୍କାନାଳ ଜିଲା କ୍ରୀଡା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚରେ ଷ୍ଟାର ଇଲେଭେନ କ୍ଲବ ଆଇଜିଆଇଟି ସରାଙ୍ଗ ଦଳକୁ ୨-୦ ଗୋଲରେ ପରାସ୍ତ କରି ୩ ପଏଣ୍ଟ ହାସଲ କରିଛନ୍ତି। ରେଫରି ସୁଶିଲ କୁମାର ପଣ୍ଡା, ସନ୍ତୋଷ କୁମାର କାନୁନଗୋ, ତନ୍ମୟ କୁମାର ପଟ୍ଟନାୟକ ଓ ମାୟାଧର ସାହୁ ଖେଳ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠି, ମନୋଜ ପଟ୍ଟନାୟକ, ସଭ୍ୟ ଶ୍ୟାମସୁନ୍ଦର ମହାପାତ୍ର, ସଞ୍ଜୟ ନାୟକ, ଶତ୍ରୁଘ୍ନ ମାଟି ଓ ଅଜୟ ସ୍ୱାଇଁ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରୁଛନ୍ତି। ରବିବାର ନେହେରୁ କ୍ଲବ ଭାଲୁଟାଙ୍ଗର ଓ ନଛିପୁରା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ରୀଡାସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

## ଢେଙ୍କାନାଳରେ ୧୦୪.୮ ମିମି ବର୍ଷା

ଢେଙ୍କାନାଳ ଅଫିସ,୧୩।୧୦

ଢେଙ୍କାନାଳ ଜିଲାରେ ଶୁକ୍ରବାର ପୂର୍ବାହ୍ନରୁ ଶନିବାର ପୂର୍ବାହ୍ନ ୧୦ଟା ମଧ୍ୟରେ ୧୦୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ୧୧ ଓ ୧୨ ତାରିଖ ଦୁଇଦିନ ଧରି ପ୍ରବଳ ବର୍ଷା ହେବାପରେ ଶନିବାର ବର୍ଷାର ପରିମାଣ କମିଥିବା ଦେଖାଯାଇଛି। କଙ୍କଡାହାଡ ବ୍ଲକରେ ସର୍ବାଧିକ ୨୪.୪ ମିମି, ପରଜଙ୍ଗ ବ୍ଲକରେ ୨୧ ମିମି ଓ ଭୁବନ ବ୍ଲକରେ ୧୯ ମିମି ବର୍ଷା ହୋଇଛି। ସେହିପରି କାମାକ୍ଷାନଗର ବ୍ଲକରେ ୧୪.୧, ହିନ୍ଦୋଳ ବ୍ଲକରେ ୭.୦, ଓଡାପଡା ବ୍ଲକରେ ୮.୦, ଗଁଦିଆ ବ୍ଲକରେ ୯.୦ ଓ ଢେଙ୍କାନାଳ ସଦର ବ୍ଲକରେ ୨.୩ ମିଲିମିଟର ବର୍ଷା ହୋଇଥିବା ଜିଲା ଜରୁରୀ ଓ ଆପତକାଳୀନ ବିଭାଗ ସୂତ୍ରରୁ ଜଣାପଡିଛି।

## ସେଲ୍ଫି କର୍ନର



@ ଅମରେନ୍ଦ୍ର



@ ଗୌତମ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

# କନକଦୁର୍ଗାଙ୍କ ନବରାତ୍ର ଉତ୍ସବ



ମା' ଶ୍ରୀ କନକଦୁର୍ଗାଙ୍କ ଶ୍ରୀଲଳିତା ତ୍ରିପୁର ସୁନ୍ଦରୀ ବେଶ।

ଢେଙ୍କାନାଳ ଅଫିସ,୧୩।୧୦

ଢେଙ୍କାନାଳ ଦେଉଳସାହି ଜୁବୁଲିଟାଉନ ସ୍ଥିତ କନକଦୁର୍ଗା ନଗରରେ ମଙ୍ଗଳବାରଠାରୁ ମା ଶ୍ରୀ କନକଦୁର୍ଗାଙ୍କର ଶାରଦୀୟ ନବରାତ୍ର ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୁଧବାରଠାରୁ ନବରାତ୍ର ପୂଜା ସହ ମା'ଙ୍କ ବିଶେଷ ବେଶ କରାଯାଇଥିଲା। ବୁଧବାର ସ୍ୱର୍ଣ୍ଣକବଚ ଅଳଙ୍କୃତ ଦେବୀବେଶ, ଗୁରୁବାର ଶ୍ରୀବାଲା ତ୍ରିପୁର ସୁନ୍ଦରୀ ବେଶ, ଶୁକ୍ରବାର ଗାୟତ୍ରୀ ଦେବୀ ବେଶ ଓ ଶନିବାର ଶ୍ରୀଲଳିତା ତ୍ରିପୁର ସୁନ୍ଦରୀ ବେଶ ଅନୁଷ୍ଠିତ ହୋଇଛି । ୧୭ ତାରିଖ ରାତି ୮ଟାରେ ନବମୀ ଅବସରରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ୧୯ରେ ବିଜୟାଦଶମୀ ପୂଜା ସହ ଅପରାହ୍ନ ୧ଟାରେ ପ୍ରସାଦ ସେବନ ଓ ସନ୍ଧ୍ୟା ୬ଟାରେ ଶ୍ରୀରାଜରାଜେଶ୍ୱରୀଙ୍କ ନଗର ପରିକ୍ରମା ହେବ ବୋଲି ପୀଠ ସୂତ୍ରରୁ ଜଣାପଡିଛି ।

# ଲୋକଙ୍କୁ ଜଣାଇଲେ ସଡ଼କ ସୁରକ୍ଷା ନିୟମ

ଢେଙ୍କାନାଳ ଅଫିସ,୧୩।୧୦

ଢେଙ୍କାନାଳ ଜିଲା ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କାମାକ୍ଷାପ୍ରସାଦ ହାଇସ୍କୁଲରେ ସଡକ ସୁରକ୍ଷା ନିୟମ ଉପରେ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ସ୍କାଉଟ୍ ଓ ଗାଇଡ୍, ଜୁନିୟର ରେଡକ୍ରସର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ବିଦ୍ୟାଳୟରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ ଏବଂ ଲୋକମାନଙ୍କୁ ସଡକ ସୁରକ୍ଷା ନିୟମ ଉପରେ ସଚେତନ କରାଇଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପତିଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ ସିଗନାଲ ଏବଂ ସଡ଼କ ସୁରକ୍ଷା ନିୟମ ଉପରେ ବୁଝାଯାଇଥିଲା। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ୧୦ମ ଶ୍ରେଣୀ ଛାତ୍ରୀ ସୁପର୍ଣ୍ଣା ରାଉତ ପ୍ରଥମ, ୯ମ ଛାତ୍ରୀ ପଦ୍ମିନୀ ପ୍ରିୟଦର୍ଶିନୀ ବେହେରା ଦ୍ୱିତୀୟ ଓ ୧୦ମ ଛାତ୍ର ଅଭିଷେକ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ନରେଶ କୁମାର ମହାରଣା ଏହାକୁ ପରିଚାଳନା କରିଥିଲେ।




ସଡ଼କ ସୁରକ୍ଷା ନିୟମ ଉପରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

- ପରଜଙ୍ଗ ବ୍ଲକରେ ଦଲାଲଙ୍କ କାରନାମା

# ସଧବାଙ୍କୁ ମିଳିପାରୁଛି ବିଧବା ଭତ୍ତା

ପରଜଙ୍ଗ, ୧୩।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ସକ୍ରିୟ ହୋଇଉଠିଛନ୍ତି ଦଲାଲ। ସେମାନଙ୍କ କାରନାମା ଏପରି ଯେ, ଏଠି ସଧବାଙ୍କୁ ବି ମିଳିପାରୁଛି ବିଧବା ଭତ୍ତା। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ମୁଣ୍ଡେଇଲୋ ପଞ୍ଚାୟତରେ। ଜଣେ ଦଲାଲ ଆବଶ୍ୟକ କାଗଜପତ୍ର କରାଇ ଦେଇଥିବାରୁ ୭ ନଂ. ୱାର୍ଡର ବଦନୀ ସେଠୀ(୫୦) ଗତ ୨ ମାସ ହେଲା ବିଧବା ଭତ୍ତା ପାଇବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ମୁତାବକ, ଅଗଷ୍ଟ ୨ରେ କାମାକ୍ଷାନଗର ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୨୯୪୦ରେ ଶିଖର ସେଠୀଙ୍କ ସ୍ତ୍ରୀ ବଦନିଙ୍କ ବିଧବା ଭତ୍ତା ଅନୁମୋଦନ ପତ୍ର ବ୍ଲକ କାର୍ଯ୍ୟାଳୟକୁ ପଠାଯାଇଥିଲା। ସେଥିରେ ବଦନୀଙ୍କୁ ପିଛଲା ଭାବେ ଜୁଲାଇ ଠାରୁ ୩ଶହ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହି ତାଲିକାରେ ତାଙ୍କ କ୍ରମିକ ନଂ ୩୬୧ ରହିଛି। ଗତ ଅଗଷ୍ଟରେ ବ୍ଲକ କାର୍ଯ୍ୟାଳୟଠାରେ ବଦନୀଙ୍କୁ ଭତ୍ତା ଦିଆଯାଇଥିଲା। ସେପ୍ଟେମ୍ବରରେ ମଧ୍ୟ ସେ ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ଉଠାଇଥିଲେ। ପଞ୍ଚାୟତ ଭତ୍ତା ତାଲିକାରେ ତାଙ୍କ କ୍ରମିକ ସଂଖ୍ୟା ୨୨୧ ଉଲ୍ଲେଖ ହୋଇଛି। ତେବେ ଚଳିତ ମାସରେ ସେ ଭତ୍ତା ନେବାକୁ ଆସି ନ ଥିବା ଜଣାପଡିଛି। ଏ ସମ୍ପର୍କରେ ବଦନୀ କୁହନ୍ତି, ଅଞ୍ଚଳର ଜଣେ ଦଲାଲ ଆଗୁଆ ବିଧବା ଭତ୍ତା ପାଇଁ ଆବେଦନ କରିବାକୁ କହିଥିଲେ। ତାଙ୍କ କଥାରେ ରାଜି ହୋଇ ଆବେଦନ କରିଥିବା ସେ ପ୍ରକାଶ କରିଛନ୍ତି। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ବେଣୁଧର ପଟ୍ଟନାୟକ କୁହନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ତଦନ୍ତ କରି ଫର୍ମରେ ଦସ୍ତଖତ କରିବା ପରେ ବ୍ଲକ କାର୍ଯ୍ୟାଳୟକୁ ପଠାଇଥାନ୍ତି। ଏହାକୁ ଅନୁମୋଦନ ପାଇଁ ବ୍ଲକ ତରଫରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଥାଏ। ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ଉକ୍ତ ଅଞ୍ଚଳରେ କିଛି ଦଲାଲ ସକ୍ରିୟ ହୋଇଉଠିଛନ୍ତି। ତେଣୁ ଏଭଳି ଘଟିଥାଇପାରେ। ତଦନ୍ତ କରାଯାଇ ଉକ୍ତ ଟଙ୍କା ଆଦାୟ କରାଯିବା ସହ ଭତ୍ତା ରଦ୍ଦ କରାଯିବ। ଅବହେଳା ପାଇଁ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।




ବଦନୀଙ୍କ ଭତ୍ତା ସମ୍ପର୍କିତ ପରିଚୟ ପତ୍ର।

## ସଂକ୍ଷେପରେ

### ଚୋରି ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଲେ ଲୋକେ

**ଛେଣ୍ଡିପଦା,୧୩ ।୧୦(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଖମାର ଗ୍ରାମର ତାପସ ମାଝୀଙ୍କ ଏକ ମୋବାଇଲ ଚୋରି କରିବା ଅଭିଯୋଗରେ ଅନୁଗୋଳ ଥାନା ଛେଳିଆପଡା ଗ୍ରାମର କେଶବ ନାଥଙ୍କୁ ଶନିବାର ଗ୍ରାମବାସୀ ଛେଣ୍ଡିପଦା ପୋଲିସ ଜିମା ଦେଇଛନ୍ତି। ଘଟଣାରୁ ଜଣାପଡିଛି, ଅପରାହ୍ନ ୪ଟାରେ ଖମାର ଗ୍ରାମର ଯୁବଜ୍ୟୋତି କ୍ଲବ ଘରେ ତାପସ କିଛି ଯୁବକଙ୍କ ସହ ତାସ ଖେଳୁଥିଲେ। ସେହି ସମୟରେ କେଶବ ସେଠାରେ ପହଞ୍ଚି କିଛି ସମୟ ରହିବା ପରେ ଫେରି ଆସିଥିଲେ। ପ୍ରାୟ ଘଣ୍ଟାଏ ପରେ ତାପସ ସେଠାରେ ତାଙ୍କ ମୋବାଇଲ ନ ପାଇ ଖୋଜାଖୋଜି କରିଥିଲେ। ସେଠାରେ ଥିବା କେତେଜଣ ଲୋକ କେଶବ ମୋବାଇଲ ଚୋରି କରି ନେଇ ଯାଇଥିବା ସନ୍ଦେହ କରି କେଶବଙ୍କୁ ପଚରାଉଚରା କରିଥିଲେ। ସେ ମୋବାଇଲ ଚୋରି କରି ବରସାହି ପଞ୍ଚାୟତ କାର୍ଯ୍ୟାଳୟ ଛାତ ଉପରେ ରଖିଥିବା ସ୍ୱୀକାର କରିଥିଲେ। ପରେ ଗ୍ରାମବାସୀ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

### ଦୋକାନୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୩।୧୦(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଛକରେ ଦୋକାନ ଦେଇଥିବା ବେଣୁଧର ରାଉତଙ୍କୁ ସେହି ଗ୍ରାମର ସତ୍ୟାନନ୍ଦ ବେହେରା ଶୁକ୍ରବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୯୬/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ବେଣୁଧର ଦୋକାନରେ ଥିବାବେଳେ ସତ୍ୟାନନ୍ଦ କୌଣସି କାମ ନ ଥାଇ ତାଙ୍କ ପାଖକୁ ଯାଇ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ନାଲ୍‌କୋରୁ ପୁଞ୍ଜି ପ୍ରତ୍ୟାହାରକୁ ବିରୋଧ

# ଆଲୁମିନିୟମ ମଜଦୁର ସଂଘର ବିକ୍ଷୋଭ



କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

**ବଆଁରପାଳ,୧୩।୧୦ (ଡି.ଏନ୍.ଏ.)**

କେନ୍ଦ୍ର ଅର୍ଥମନ୍ତ୍ରଣାଳୟର ନିଷ୍ପତ୍ତି ଅନୁଯାୟୀ ଗତ ୧୨ ତାରିଖରେ ଅନୁଗୋଳସ୍ଥିତ ନାଲ୍‌କୋ ବୋର୍ଡ ମିଟିଂରେ ବାଏବ୍ୟାକ୍ ମାଧ୍ୟମରେ ସରକାରଙ୍କ ୩.୪୮ ପ୍ରତିଶତ ଅଂଶଧନ ପ୍ରତ୍ୟାହାର ପାଇଁ ସ୍ଥିର କରାଯାଇଛି। ଏହାଦ୍ୱାରା ସରକାର ନାଲ୍‌କୋରୁ ୫୦୪ କୋଟି ଟଙ୍କା ପ୍ରତ୍ୟାହାର କରି ନେବାର ରାସ୍ତା ପରିଷ୍କାର ହୋଇଛି। ଏହାକୁ ନାଲ୍‌କୋର ବିଭିନ୍ନ କର୍ମଚାରୀ ସଙ୍ଗଠନ ବିରୋଧ କରିଥିବା ବେଳେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଛି ଅଲୁମିନିୟମ ମଜଦୁର ସଂଘ। ପୂର୍ବାହ୍ନ ୮ଟାରେ ସଂଘର ଶତାଧିକ କର୍ମଚାରୀ ପଦଯାତ୍ରାରେ କାରଖାନାରୁ ପ୍ରଶାସନ ଭବନ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିକ୍ଷୋଭ ପରେ ସିଏମ୍‌ଡିଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ନାଲ୍‌କୋ ସିପିପିରେ କୋଇଲା ସଙ୍କଟ ରହିଥିବା ବେଳେ କମ୍ପାନୀ ଚଢ଼ା ଦରରେ ବାହାରୁ ୧୭୦ ମେଗାୱାଟ ବିଦ୍ୟୁତ୍ କ୍ରୟ କରୁଛି। ସେହିପରି ସ୍ମେଲଟରରେ ପିଚ୍ କୋକ, ଆଲୁମିନା ପାଉଡର ସମେତ ବିଭିନ୍ନ କଞ୍ଚାମାଲର ଅଭାବ ରହିଛି। ଏହାର ସମାଧାନ ନ କରି ପୁଞ୍ଜି ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯିବା ନାଲ୍‌କୋକୁ ଘରୋଇକରଣ କରିବା ପାଇଁ ଏକ ଚକ୍ରାନ୍ତ। ଏଣୁ ଆଗାମୀ ଦିନରେ ସଂଘ ପକ୍ଷରୁ ବିରୋଧକୁ ବ୍ୟାପକ କରାଯିବ ବୋଲି ସଭାପତି ବେହେରା କହିଛନ୍ତି। ବିକ୍ଷୋଭରେ ସଙ୍ଗଠନର ସାଧାରଣ ସମ୍ପାଦକ ସୁବାସ ସାହୁ, ସଭାପତି ରମେଶ ଚନ୍ଦ୍ର ବେହେରା, ନୃସିଂହ ଚରଣ ବେହେରା, ଶିବରାମ ସେଠୀ, ନେହେରୁ ସାହୁ, ସଞ୍ଜୟ ଦେହୁରୀ, ସଞ୍ଜୟ ସାହୁ, ବରୁଣ ବେହେରା, ସମର ସାହୁ, ବିଜୟ ରାଉତ, ଦୀପକ ସାମଲ, ପ୍ରକାଶ ବେହେରା, ବିରଞ୍ଚି ସାମଲ, ଖଗେଶ୍ୱର ଭୂତିଆ, ଆଶୁତୋଷ ରଥ, ଦୀପକ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ଜିଲାସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା

**ଅନୁଗୋଳ ଅଫିସ,୧୩।୧୦**


ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି।

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଗୋଳ ଜିଲା ସ୍କୁଲସ୍ତରୀୟ ମୁକ୍ତ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଚେସ୍ ସଂଘ ସଭାପତି ଶାନ୍ତନୁ କୁମାର ସରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡିଏଫ୍‌ଓ ଭି.କାର୍ତ୍ତିକ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ, ପରିଚାଳନା ସମିତି ସମ୍ପାଦକ ବିଜୟ କୁମାର ମୋଦୀ, ରାଜ୍ୟ ଚେସ୍ ସଂଘ କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଜିଲା ସଂଘ ସାଧାରଣ ସମ୍ପାଦକ ବସନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର କାର୍ଯ୍ୟକାରୀ ସଂଯୋଜକ ସହ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ କରାଯାଉଛି। ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରୁଛନ୍ତି।

ଧରିତ୍ରୀ DHARITRI
Quiz No.2
Puja Quiz- 2018
Main Sponsor: TVS
Co-Sponsors: CENTRAL, Nikon
☑ Tick mark the box which is correct
୧. ଉତ୍ତର ମେରୁରେ ପଦାର୍ପଣ କରିଥିବା ପୃଥିବୀର ପ୍ରଥମ ବ୍ୟକ୍ତି ?
କ. ରବର୍ଟ ପେରୀ ☐ ଖ. ନିଲ ଆର୍ମଷ୍ଟ୍ରଙ୍ଗ୍ ☐ ଗ. ଆମଣ୍ଡସନ ☐ ଘ. ଜୁଙ୍କୋ ତାବେଇ ☐
୨. ପବିତ୍ର ରାଜ୍ୟ ପୃଥିବୀରେ କାହାକୁ କୁହାଯାଏ ?
କ. ଓଡ଼ିଶା ☐ ଖ. ପାଲେଷ୍ଟାଇନ୍ ☐ ଗ. ପଞ୍ଜାବ ☐ ଘ. ଚିକାଗୋ ☐
୩. ପୃଥିବୀର ଦୀର୍ଘତମ ନଦୀ ?
କ. ଆମାଜନ ☐ ଖ. ନୀଳନଦୀ ☐ ଗ. ଅବରିଟସ ☐ ଘ. ମିସୋରି ମିସିସିପି ☐
୪. ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ପୃଥିବୀର ପ୍ରଥମ ବ୍ୟକ୍ତି ?
କ. ସଲି ପ୍ରୁଧୋମେ ☐ ଖ. ଜିନ୍ ହେନେରୀ ଡୁନାଣ୍ଟ ☐ ଗ. ଜନ ଟିମ୍ବର ଜେନ ☐ ଘ. ଆନ୍ ବାନ୍‌କ୍ରଫଟ ☐
୫. Pb କେଉଁ ମୌଳିକର ପ୍ରତୀକ ?
କ. ସିଲ୍‌ଭର ☐ ଖ. ଲେଡ୍ ☐ ଗ. ଗୋଲଡ୍ ☐ ଘ. ସୋଡିୟମ ☐
Participant's Name:
Address:
Education
Mobile ... Age:
E-mail:
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 2
B-15, Industrial Estate, Rasulgarh, Bhubaneswar-10



## ଫଟୋରେ ଖବର


ଅନୁଗୋଳ ସହରର ଏକ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଜଣେ ଶିଳ୍ପୀ। (ଫଟୋ- ବୁବୁ)

# ଛେଣ୍ଡିପଦା କୋଲ୍ ମାଇନ୍ସ ନିକଟରୁ ଲୁଟ୍

**ଛେଣ୍ଡିପଦା,୧୩ ।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା କୋଲ ମାଇନ୍ସ ନିକଟରୁ ଶନିବାର ସନ୍ଧ୍ୟାରେ ଲୁଟ୍ ହୋଇଛି। ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ଛେଣ୍ଡିପଦା ଥାନା ବାଗଡିଆ ଗ୍ରାମର ଏଲ୍‌ଆଇସି ଏଜେଣ୍ଟ କଳାକାର ବାରିକ ଓ ଅବସରପ୍ରାପ୍ତ ଅମିନ ଭାସ୍କର ଚନ୍ଦ୍ର ଜେନାଙ୍କଠାରୁ ୯ ଶହ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଉଭୟେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଘଟଣାରୁ ଜଣାପଡିଛି, କଳାକାର ଓ ଭାସ୍କର କୌଣସି ଏକ କାମରେ ବାଇକ ଯୋଗେ କଣିହାଁ ଆରଆଇ୍ ଅଫିସକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଗୋପୀନାଥପୁର ସରଳିଆ ପେଟ୍ରୋଲ ପମ୍ପ ନିକଟରୁ ୩ ଜଣ ଦୁର୍ବୃତ୍ତ ଏକ ପଲସର୍ ବାଇକ୍‌ରେ ସେମାନଙ୍କ ପିଛା କରିଥିଲେ। ଛେଣ୍ଡିପଦା କୋଲ ମାଇନ୍ସ ନିକଟରେ ଉଭୟଙ୍କୁ ଦୁର୍ବୃତ୍ତମାନେ ଅଟକାଇ ଥିଲେ। ପରେ ଜଣେ ଦୁର୍ବୃତ୍ତ କଳାକାରଙ୍କ ହାତକୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏହାପରେ ଭାସ୍କରଙ୍କ ମୁଣ୍ଡରେ ଏକ ବନ୍ଧୁକ ଲଗାଇ ତାଙ୍କ ନିକଟରେ ଥିବା ୯ ଶହ ଟଙ୍କା ଲୁଟି ନେଇ ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଦୁର୍ବ୍ୟବହାର ଅଭିଯୋଗ, ଜଣେ ଗିରଫ

**ବଆଁରପାଳ,୧୩।୧୦(ଡି.ଏନ.ଏ.)**

ବଆଁରପାଳ ଥାନା ତୁଳସୀପାଳ ଗ୍ରାମରେ ନାଲ୍‌କୋ ପେରିଫେରି ବିଭାଗରେ କାର୍ଯ୍ୟ କରୁଥିବା ଡାକ୍ତର ବି.ବି. ଗଡ଼ନାୟକଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଶନିବାର ପୋଲିସ ସନାତନ ରାଉଳ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ଗତ ବୁଧବାର ଡାକ୍ତରଙ୍କ ସମେତ କର୍ମଚାରୀମାନେ ତୁଳସୀପାଳ ଗ୍ରାମକୁ ଯାଇ ଲୋକଙ୍କ ଚିକିତ୍ସା କରିବା ସହ ଔଷଧ ବଣ୍ଟନ କରିଥିଲେ। ଏହି ସମୟରେ ସନାତନ ଡାକ୍ତରଙ୍କ ସହ ଯୁକ୍ତିତର୍କ ଓ ଗାଳି ଗୁଲଜ କରିଥିଲେ। ଏ ନେଇ ଡାକ୍ତର ଥାନାରେ ଅଭିଯୋଗ କରିଥିଲେ।

# ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଭେଟିଲେ ଏମ୍‌ପିଙ୍କ ପ୍ରତିନିଧି ଦଳ

**ଅନୁଗୋଳ ଅଫିସ,୧୩।୧୦**

ଅନୁଗୋଳ ବ୍ଲକ ବାରଗୌଣିଆ ପଞ୍ଚାୟତ ବାରଗୌଣିଆ ଗାଁରେ ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ଏକ ପ୍ରତିନିଧି ଦଳ ଶନିବାର ତିତ୍‌ଲି ପ୍ରଭାବିତ ବର୍ଷା କ୍ଷତିଗ୍ରସ୍ତଙ୍କୁ ଭେଟି ସମସ୍ୟା ବୁଝିଛନ୍ତି। ଅପରାହ୍ନରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସଙ୍କ ସହ ଏହି ପ୍ରତିନିଧି ଦଳ ବାରଗୌଣିଆ ଗାଁର ହରିଜନସାହି, ଉପରସାହି, ପୁରୁଣାପଶିସାହି, ଗୋଠମାଳସାହିର ଲୋକମାନଙ୍କୁ ଭେଟି କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ବର୍ଷା, ପବନରେ ବାରଗୌଣିଆ ଗାଁର ବହୁ ଚାଳ ଛପର ନଷ୍ଟ ହେବା ସହ ଘର ଭିତରେ ପାଣି ପଶି ଯିବାରୁ ଲୋକେ ଅସ୍ତବ୍ୟସ୍ତ ହୋଇପଡିଥିଲେ। ବିପନ୍ନଙ୍କ ପାଇଁ ଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଶାସନ ପକ୍ଷରୁ କରାଯାଇଥିବା ରନ୍ଧାଖାଦ୍ୟ ସମ୍ପର୍କରେ ଏହି ପ୍ରତିନିଧି ଦଳ ତଦାରଖ କରିଥିଲେ। କ୍ଷତିଗ୍ରସ୍ତମାନେ ରନ୍ଧା ଖାଦ୍ୟ ଆଉ ଗୋଟିଏ ଦିନ ଯୋଗାଇ ଦେବାକୁ ଏମ୍‌ପିଙ୍କ ପ୍ରତିନିଧିଙ୍କ ନିକଟରେ ଦାବି କରିଥିଲେ। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଅନୁଗୋଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ବେହେରାଙ୍କ ସହ ଆଲୋଚନା କରି ରବିବାର ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ଏମ୍‌ପିଙ୍କ ପ୍ରତିନିଧି କହିଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ସହ ଆଲୋଚନା କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯିବ ବୋଲି ଏହି ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି। ଏହି ଟିମ୍‌ରେ ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ବ୍ଲକ ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ଯୁବନେତା ମାନସ ରଞ୍ଜନ ଦେହୁରୀ, ସୁଶିତ୍ ସାହୁ, ବସନ୍ତ ପ୍ରଧାନ, ସଞ୍ଜୟ ସାହୁ, ଅଶୋକ ସାହୁ, ବାରଗୌଣିଆ ସରପଞ୍ଚ ସୌରାଷ୍ଟ୍ର ସାହୁ, ସୁମନ୍ତ ପ୍ରଧାନ, ରଞ୍ଜିତ ବିଶ୍ୱାଳ, ପୂର୍ବତନ ସରପଞ୍ଚ ପଦ୍ମିନୀ ସାହୁ, ବାବୁଲି ସାହୁ, ମହେନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ଗୋବିନ୍ଦ ସାହୁ, ଟିପୁନ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।


ଏମ୍‌ପିଙ୍କ ଜିଲା ପ୍ରତିନିଧିଙ୍କ ସହ ଏକ ଟିମ୍ ବାରଗୌଣିଆ ଗ୍ରାମର କ୍ଷତିଗ୍ରସ୍ତଙ୍କୁ ଭେଟୁଛନ୍ତି।



# ହିଙ୍ଗୁଳା ପୀଠରେ ନବରାତ୍ର ପୂଜା

ତାଳଚେର,୧୩।୧୦(ନି.ପ୍ର.)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠରେ ଶାରଦୀୟ ନବରାତ୍ର ପୂଜା ପାଳନ କରାଯାଉଛି। ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ବିଜୟାଦଶମୀ ଦିନ ସମାପନ ହେବ। ଆଶ୍ୱିନ ମାସ ଶୁକ୍ଳ ପ୍ରତିପଦା ତିଥିରେ ମା'ଙ୍କ ନବରାତ୍ର ପୂଜା ଅନୁଷ୍ଠିତ ହୋଇଥାଏ। ଦଶ ଦିନ ବ୍ୟାପୀ ଏହି ପୂଜାରେ ପ୍ରଥମ ଦିବସରେ ଶୈଳପୁତ୍ରୀ, ଦ୍ୱିତୀୟ ଦିବସରେ ବ୍ରହ୍ମଚାରୀ, ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା, ଚତୁର୍ଥରେ କୃଷ୍ମାଣ୍ଡେିତି, ପଞ୍ଚମରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟିନୀ, ସପ୍ତମ ଦିବସରେ କାଳରାତ୍ରୀ, ଅଷ୍ଟମରେ ମହାଗୌରୀ, ନବମ ଦିବସରେ ସିଦ୍ଧିଦାତ୍ରୀ ଓ ଦଶମ ଦିବସରେ ଅପରାଜିତା ପୂଜନ, ଆରତି ଓ ପୂର୍ଣ୍ଣାହୂତି ଆଦି ଅନୁଷ୍ଠିତ ହୋଇଥାଏ। ଏହାସହ ଷଷ୍ଠୀ ତିଥିଠାରୁ ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ସ୍ୱରୂପା ମା' ହିଙ୍ଗୁଳାଙ୍କ ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ ଓ ସହସ୍ର ହବନ ଅନୁଷ୍ଠିତ ହେବ। ପଣ୍ଡିତ ଧୀରେନ ଚନ୍ଦ୍ର ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ସନ୍ତୋଷ କୁମାର ମିଶ୍ର, ସୁରେଶ ଚନ୍ଦ୍ର ଧର, ସଞ୍ଜୟ କୁମାର ମିଶ୍ର, ବିଶ୍ୱମ୍ବର ମିଶ୍ର ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି। ପୂଜା ଦେଖିବାକୁ ଆଖପାଖ ଅଞ୍ଚଳରୁ ପ୍ରତିଦିନ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।



ମା'ଙ୍କ ପୂଜା କାର୍ଯ୍ୟ ଚାଲିଛି।

■ପ୍ରସ୍ତୁତି ବୈଠକରେ କମିଟିର ନିଷ୍ପତ୍ତି

# ଧୁମ୍‌ଧାମରେ ହେବ ପୂଜା

କଣିହାଁ/ଛେଣ୍ଡିପଦା,୧୩।୧୦ (ଡି.ଏନ.ଏ.)

କଣିହାଁ ବ୍ଲକ ଡେରଙ୍ଗ ଗ୍ରାମରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଚାଲିଛି। ଗ୍ରାମବାସୀ, ଦେହୁରୀସାହି ବାସିନ୍ଦା ଓ ଦୁର୍ଗାପୂଜା କମିଟି ତରଫରୁ ଉତ୍ସବ ପାଳନ ପାଇଁ ଧୁମ୍‌ଧାମରେ ଆୟୋଜନ ଚାଲିଛି। ପୂଜା କମିଟି କାର୍ଯ୍ୟକର୍ତ୍ତା ସଭାପତି ଲିଙ୍ଗରାଜ ମହାନ୍ତି, ସମ୍ପାଦକ ବିଷ୍ଣୁ ବେହେରା, କୋଷାଧ୍ୟକ୍ଷ ଟିକନ ମହାନ୍ତି କହିଛନ୍ତି, ଚଳିତ ବର୍ଷ ଉତ୍ସବକୁ ମହାସମାରୋହରେ ପାଳନ କରାଯିବ। ସୋମବାର ବିଧିମତେ ଷଷ୍ଠୀ ପୂଜା କରାଯାଇ ପ୍ରତ୍ୟହ ପୂଜାର୍ଚ୍ଚନା କରାଯିବ। ଶୁକ୍ରବାର ଦଶହରା ପୂଜା ଅନୁଷ୍ଠିତ ହେବ। ଶନିବାର ଜିଲାସ୍ତରୀୟ ପାଇକ ଆଖଡ଼ା ସହିତ କଳାତ୍ମକ ଦିଗକୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିସହ ସନ୍ଧ୍ୟାରେ ରାବଣ ପୋଡି ଉତ୍ସବର କାର୍ଯ୍ୟକ୍ରମ ରହିଛି। ସେହିଦିନଠାରୁ ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଛେଣ୍ଡିପଦା ବ୍ଲକ ଜରପଡା ଥାନା ସାନହିସର ଗ୍ରାମରେ ଶନିବାର ଦୁର୍ଗା ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ବୈଠକରେ ମା'ଙ୍କ ମେଢ଼ ଓ ତୋରଣ ସାଜସଜ୍ଜା, ଆଲୋକୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପୂଜା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନାମ ସଂକୀର୍ତ୍ତନ, ୫ ଦିନ ବ୍ୟାପୀ ମାଙ୍କ ଯଥା ବିଧି ପୂଜାର୍ଚ୍ଚନା, ହୋମଯଜ୍ଞ, ପ୍ରସାଦ ସେବନ ସହ ଭସାଣି ଉତ୍ସବ ଆଦି ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ ଅଜିତ କୁମାର ସାହୁ, କୋଷାଧ୍ୟକ୍ଷ ବୀରବର ସାହୁ, ଲିଙ୍କନ ପ୍ରଧାନ, ଶିବାନନ୍ଦ ସାହୁ, ନରେନ୍ଦ୍ର ଧଳ, ନୀଳକଣ୍ଠ ସାହୁ, ଅରବିନ୍ଦ ସାହୁ, ତ୍ରିନାଥ ସାହୁ, ସୁଶାନ୍ତ ଦାସ, ଜିତେନ୍ଦ୍ର ପ୍ରଧାନ, ସୁନୀଲ ସାହୁ, ଦୋଳଗୋବିନ୍ଦ ସାହୁ, ମୁକେଶ ଧଳ, ସନ୍ତୋଷ ସାହୁ, ବିଷ୍ଣୁ ଚରଣ ସାହୁ, ହରିହର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।














www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ–ଅନୁଗୋଳ, ରବିବାର, ଅକ୍ଟୋବର ୧୪ /୨୦୧୮ Dhenkanal-Angul, Sunday, October 14 / 2018

# ଭାସିଗଲା ରାସ୍ତା, ଯୋଗାଯୋଗ ବିଚ୍ଛିନ୍ନ



ଧୋଇଯାଇଥିବା ରାସ୍ତା ।

**ବଇଣ୍ଡା,୧୩।୧୦(ଡି.ଏନ.ଏ.)**

ତିତ୍‌ଲି ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତର ହିଞ୍ଜିରିଡାଠାରୁ ଖୋଲାରେଗେଡା ୪ କିମି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜାମ୍ବୁନାଳ ଉପରେ ହୋଇଥିବା ଅସ୍ଥାୟୀ ରାସ୍ତା ଭାସି ଯିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଉକ୍ତ ୪ କିମି ମାଟି ରାସ୍ତା ପଞ୍ଚାୟତ ଅଧୀନରେ ଥିବାବେଳେ ମରାମତି କରାଯାଉ ନାହିଁ। ଏହା ଉପରେ ହିଞ୍ଜିରିଡା, କୁଣ୍ଡାଳୀ, ଖୋଲାରେଗେଡା ଆଦି ୩ ଗ୍ରାମବାସୀ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ତାହାକୁ ପକ୍କା କରିବା ସହ ଏକ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ତୁରନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ଗ୍ରାମର ତପନ କୁମାର ପ୍ରଧାନ, ଲୋକନାଥ ପ୍ରଧାନ, ଗଗନ ପ୍ରଧାନ, କୁଞ୍ଜ ପ୍ରଧାନ, ଶ୍ରୀପତି ପ୍ରଧାନ, ସଞ୍ଜୟ ସାହୁ ପ୍ରମୁଖ ଦାବି କରିଛନ୍ତି।

■ଇଣ୍ଟରସିଟି ଏକ୍ସପ୍ରେସ୍ ରହଣି ଦାବି

# ନଭେମ୍ବର ୩ରେ ବିକ୍ଷୋଭ

**ବଇଣ୍ଡା,୧୩।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ଷ୍ଟେଶନ ନିକଟରେ ଭୁବନେଶ୍ୱର–ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ ରହୁନାହିଁ। ବହୁବାର ଦାବି ହୋଇଥିଲେ ମଧ୍ୟ ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଟ୍ରେନ ରହଣି ପାଇଁ ନଭେମ୍ବର ୩ ରେ ବାମୁର ରେଳ ଷ୍ଟେଶନ ନିକଟରେ ୧୨ ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କମିଟି ପକ୍ଷରୁ ଶନିବାର ଜଏରାଟଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସରପଞ୍ଚ ରମଣି ରଞ୍ଜନ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ରଥ, ତୀର୍ଥବାସୀ ଭୋଇ, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ପୀତାମ୍ବର ପ୍ରଧାନ, ଅବନୀ ପ୍ରଧାନ, ବୈକୁଣ୍ଠ ସାହୁ, ରବିନାରାୟଣ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।







